# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 29 November – 2025

********************************

## ମୁଖ୍ୟ ସମ୍ବାଦ

- ବିଧାନସଭାରେ ଓଡ଼ିଶା ଜନବିଶ୍ୱାସ ଅଧ୍ୟାଦେଶ ୨୦୨୫ ଉପସ୍ଥାପିତ

— ସଦସ୍ୟମାନେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ପରେ ଗୃହ ମୁଲତବୀ

- ରାଜ୍ୟରେ ୩ କୋଟି ୧୨ ଲକ୍ଷ ରାସନକାର୍ଡ ହିତାଧିକାରୀଙ୍କ ଇ-କେୱାଇସି ଯାଞ୍ଚ ଶେଷ ହୋଇଥିବା ଗୃହରେ ସୂଚନା ଦେଲେ ବିଭାଗୀୟ ମନ୍ତ୍ରୀ

- ମାଓବାଦୀମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେଲେ ସରକାର ସହଯୋଗ ଯୋଗାଇଦେବେ; କହିଲେ ବିଏସ୍ଏଫ୍ ଆଇ.ଜି.

ଏବଂ

- କୃଷି ବ୍ୟବସ୍ଥାରେ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଉଦ୍‌ଘାଟିତ ହେଲା ଲିଙ୍ଗଗତ ଦାୟିତ୍ୱବୋଧ କକ୍ଷ

## ବିଧାନସଭା-୧

ସପ୍ତଦଶ ବିଧାନସଭାର ଶୀତକାଳୀନ ଅଧିବେଶନରେ ଆଜି ଦ୍ୱିତୀୟାର୍ଦ୍ଧରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓଡ଼ିଶା ଜନବିଶ୍ୱାସ ଅଧ୍ୟାଦେଶ୨୦୨୫କୁ ଉପସ୍ଥାପନ କରିଛନ୍ତି। ଏହାପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ଅନ୍ୟ ମନ୍ତ୍ରୀମାନେ କାଗଜ ଉପସ୍ଥାପନ କରିଥିଲେ। ବିଧାୟକମାନେ ନିବେଦନ ମାଧ୍ୟମରେ ନିଜ ନିଜ ଅଂଚଳର ପ୍ରସଙ୍ଗ ଆଲୋଚନା ପରେ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ଆଜି ପାଇଁ ମୁଲତବୀ ଘୋଷଣା କରିଛନ୍ତି।

## ବିଧାନସଭା-ରାସନକାର୍ଡ

ରାଜ୍ୟରେ ୯୬ ପ୍ରତିଶତ ରାସନକାର୍ଡ ହିତାଧିକାରୀଙ୍କ ଇ-କେୱାଇସି ପ୍ରକ୍ରିୟା ଶେଷ ହୋଇଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ବିଧାନସଭାରେ ଆଜି ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା କରି ମନ୍ତ୍ରୀ କହିଛନ୍ତି, ବର୍ତ୍ତମାନସୁଦ୍ଧା ୩ କୋଟି ୧୨ ଲକ୍ଷ ୪୩ ହଜାର ୨୧୯ ଜଣ ହିତାଧିକାରୀଙ୍କ ଇ-କେୱାଇସି କରାଯାଇଛି। ୮ ଲକ୍ଷରୁ ଊର୍ଦ୍ଧ୍ୱ ଅଯୋଗ୍ୟ ହିତାଧିକାରୀଙ୍କୁ ରାସନକାର୍ଡରୁ ବାଦ୍ ଦିଆଯାଇଛି।

ରାସନକାର୍ଡ ପାଇଁ ହସ୍ତଗତ ହୋଇଥିବା ସମସ୍ତ ୧୫ ଲକ୍ଷ ୩୩ ହଜାର ଆବେଦନଗୁଡ଼ିକୁ ତ୍ୱରିତ କ୍ଷେତ୍ର ତର୍ଜମା କରାଯାଉଛି। ସରକାର ଇ-କେୱାଇସି ଯାଞ୍ଚ ପ୍ରକ୍ରିୟାର ସମୟସୀମାକୁ ଆସନ୍ତା ମାସ ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

## ବିଧାନସଭା-ଶକ୍ତି କାଫେ

ରାଜ୍ୟରେ ମୋଟ ୨୯୭ଟି ସୁଭଦ୍ରା ଶକ୍ତି କାଫେ ପ୍ରତିଷ୍ଠା ହୋଇଥିବାବେଳେ ବର୍ତ୍ତମାନ ୨୫୪ଟି କାର୍ଯ୍ୟକ୍ଷମ ରହିଛି  ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ବିଧାନସଭାରେ କହିଛନ୍ତି। ସଦସ୍ୟ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀମତୀ ପରିଡା କହିଛନ୍ତି, ୨ ହଜାର ୨୩୯ ଜଣ ସ୍ୱୟଂ ସହାୟକ ଗୋଷ୍ଠି ସଦସ୍ୟା ଏହି କାଫେରେ କାର୍ଯ୍ୟ କରୁଛନ୍ତି। ସର୍ବାଧିକ ୧୮ଟି ଲେଖାଏଁ କାଫେ କୋରାପୁଟ ଓ ସୁନ୍ଦରଗଡ଼ ଜିଲ୍ଲାରେ ରହିଛି।

ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଝାରସୁଗୁଡ଼ା ଜିଲ୍ଲାରେ ମୋଟ୍ ୫ ହଜାର ୮୬୮ଟି ସ୍ୱୟଂ ସହାୟକ ଗୋଷ୍ଠୀ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୧ ହଜାର ୧୭୫ଟି ଗୋଷ୍ଠୀ ମିଳୁଥିବା ଅର୍ଥକୁ ବିନିଯୋଗ କରି ନିଜ ଜୀବିକାକୁ ସୁଦୃଢ଼ କରିପାରିଛନ୍ତି।

## ପୋକ୍ସୋ

ରାଜ୍ୟରେ ଆଗାମୀ ଦିନରେ ଆଉ ୧୫ଟି ପୋକ୍ସୋ ଅଦାଲତ ଖୋଲିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ବାଲେଶ୍ୱର, ଭଦ୍ରକ, କଟକ, ବ୍ରହ୍ମପୁର, ଯାଜପୁର, କେନ୍ଦୁଝର, ଭୁବନେଶ୍ୱର, ବାରିପଦା, ଫୁଲବାଣୀ, ପୁରୀ, ସମ୍ବଲପୁର, ସୁନ୍ଦରଗଡ଼, ଦେବଗଡ଼, ମାଲକାନଗିରି ଓ ସୋନପୁରରେ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଖୋଲାଯିବ।

## ପିଅନ ନିଯୁକ୍ତି

ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ପିଅନ ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ନୂତନ ପଦବୀ ସୃଷ୍ଟି ହେବା ସହ ମାସିକ ୧୩ ହଜାର ୧୬୦ ଟଙ୍କା ଦରମା ଧାର୍ଯ୍ୟ କରାଯାଇଛି । ପୂର୍ବରୁ ପଞ୍ଚାୟତଗୁଡ଼ିକ ନିଜ ସ୍ତରରେ ପିଅନମାନଙ୍କୁ ନିଯୁକ୍ତି ଦେଇ ପଞ୍ଚାୟତ ଫଣ୍ଡରୁ ଦରମା ପ୍ରଦାନ କରୁଥିଲେ । ଗ୍ରାମ ପଞ୍ଚାୟତଗୁଡ଼ିକ ପ୍ରଶାସନିକ କାର୍ଯ୍ୟକୁ ତୃଣମୂଳସ୍ତରରେ ସଫଳତାର ସହ କାର୍ଯ୍ୟକାରୀ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି । ଏ ନେଇ ରାଜ୍ୟ ସରକାର ପଞ୍ଚାୟତସ୍ତରରେ ପିଅନ ନିଯୁକ୍ତି ନେଇ ନିଷ୍ପତ୍ତି ନେଇଛନ୍ତି ।

## ମାଓବାଦୀ-ବିଏସ୍ଏଫ୍

ମାଓବାଦୀମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ଆତ୍ମସମର୍ପଣ କଲେ ସରକାରଙ୍କ ପକ୍ଷରୁ ସେମାନଙ୍କୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ବିଏସ୍ଏଫ୍ ଆଇ.ଜି. ଶିବ ଆଧର ଶ୍ରୀବାସ୍ତବ କହିଛନ୍ତି । ଭୁବନେଶ୍ୱରରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଶ୍ରୀବାସ୍ତବ କହିଛନ୍ତି, ରାଜ୍ୟକୁ ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା ମାଓବାଦୀମୁକ୍ତ କରାଯିବା ଲକ୍ଷ୍ୟ ରଖାଯାଇଛି । ଚଳିତବର୍ଷ ରାଜ୍ୟରେ ସୁରକ୍ଷା କର୍ମୀଙ୍କ ଦ୍ୱାରା ୧୯ ଜଣ ମାଓବାଦୀଙ୍କୁ ନିହତ ହୋଇଛନ୍ତି । ସେହି ସମୟ ମଧ୍ୟରେ ୮ ଜଣ ମାଓବାଦୀଙ୍କୁ ଗିରଫ କରାଯାଇଥିବାବେଳେ ୬ ଜଣ ଆତ୍ମସମର୍ପଣ କରିଛନ୍ତି ବୋଲି ଆଇ.ଜି. କହିଛନ୍ତି ।

**- V/O -(ଶିବ ଆଧର ଶ୍ରୀବାସ୍ତବ)**

ରାଜ୍ୟ ସରକାର ମାଓବାଦୀମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ନୂଆ ନିର୍ଦ୍ଦେଶାବଳୀ ଆଣିଛନ୍ତି । ଏଥିରେ ମାଓବାଦୀମାନେ ଆତ୍ମସମର୍ପଣ କଲେ ସହାୟତା ରାଶିକୁ ବୃଦ୍ଧି କରାଯାଇଛି ।

## ଇସିଆଇ ନେଟ୍

ଭାରତର ନିର୍ବାଚନ ଆୟୋଗ-ଇସିଆଇ-ନେଟ୍ ଆପ୍‌ର ବ୍ୟବହାର ଓ କାର୍ଯ୍ୟକାରିତାକୁ ଲୋକାଭିମୁଖୀ କରିବା ପାଇଁ  ନାଗରିକମାନଙ୍କୁ ଏହି ଆପ୍ ଡାଉନ୍‌ଲୋଡ କରି ନିଜର ସୁଚିନ୍ତିତ ମତାମତ ଦେବା ପାଇଁ ଆହ୍ୱାନ କରିଛନ୍ତି। ଜନସାଧାରଣ ଆସନ୍ତା ମାସ ୨୭ ତାରିଖ ପର୍ଯ୍ୟନ୍ତ ମତାମତ ଦେଇପାରିବେ। ଆପ୍‌କୁ ପରୀକ୍ଷାମୂଳକ ଭାବେ ଚଳିତ ବିହାର ବିଧାନସଭା ନିର୍ବାଚନ ଏବଂ ଉପନିର୍ବାଚନ ସମୟରେ ବ୍ୟବହାର କରାଯାଇଥିଲା। ନୂତନ ପ୍ଲାଟଫର୍ମ ଉନ୍ନତ ଭୋଟର ସେବା, ମତଦାନ ପ୍ରତିଶତ ଧାରାଗୁଡ଼ିକର ତ୍ୱରିତ ଉପଲବ୍ଧତା ଏବଂ ନିର୍ବାଚନ ଫଳାଫଳ ଘୋଷଣାର ୭୨ ଘଣ୍ଟା ମଧ୍ୟରେ ଇଣ୍ଡେକ୍ସ କାର୍ଡ ପ୍ରକାଶନକୁ ସକ୍ଷମ କରିପାରିଥିଲା। ପ୍ଲାଟଫର୍ମର କାର୍ଯ୍ୟକାରିତାକୁ ଆହୁରି ଉନ୍ନତ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ, ଜିଲ୍ଲା ନିର୍ବାଚନ ଅଧିକାରୀ, ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଓ ଅନ୍ୟ କ୍ଷେତ୍ର ଅଧିକାରୀଙ୍କ ମତାମତକୁ  ଅନ୍ତର୍ଭୁକ୍ତ କରାଯାଇଛି। ଆପ୍‌କୁ ଆସନ୍ତାବର୍ଷ ପହିଲାରେ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି।

## ଦାୟିତ୍ୱବୋଧ କକ୍ଷ

ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡା ଆଜି ଭୁବନେଶ୍ୱର କୃଷି ଭବନଠାରେ ଲିଙ୍ଗଗତ ଦାୟିତ୍ୱବୋଧ କକ୍ଷର ଉଦ୍‌ଘାଟନ କରିଛନ୍ତି। ଅନ୍ତର୍ଜାତୀୟ ଖାଦ୍ୟ ନୀତି ଗବେଷଣା ପ୍ରତିଷ୍ଠାନ ସହିତ ମିଳିତଭାବରେ ଉଦ୍‌ଘାଟିତ ହୋଇଥିବା ଏହି କକ୍ଷ ରାଜ୍ୟରେ କୃଷି ବ୍ୟବସ୍ଥାରେ ଲିଙ୍ଗଗତ ସମାନତାକୁ ବ୍ୟବସ୍ଥିତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଶ୍ରୀ ସିଂହଦେଓ କହିଛନ୍ତି, ଓଡ଼ିଶା ସର୍ବଦା ପ୍ରଗତିଶୀଳ କୃଷି ସଂସ୍କାରକୁ ସମର୍ଥନ କରି ଆସିଛି।

ନୂତନ କକ୍ଷର ଶୁଭାରମ୍ଭ, ମହିଳା ଚାଷୀଙ୍କ ଆବଶ୍ୟକତା ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ବୋଲି ଶ୍ରୀ ସିଂହଦେଓ କହିଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି, ଶାସନ ଢ଼ାଞ୍ଚାରେ ଲିଙ୍ଗଗତ ଅସମାନତାକୁ ଦୂର କରିବା ସହ ନୀତି ପ୍ରଣୟନ କରି ମହିଳା ଚାଷୀଙ୍କ ଆକାଂକ୍ଷାକୁ ପୂରଣ କରିବାରେ ଏହି ନୂତନ କକ୍ଷ ସହଯୋଗ କରିବ। କାର୍ଯ୍ୟକ୍ରମରେ କୃଷି ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଡିପିଡିପି ଆଇନ୍

ଭୁବନେଶ୍ୱରସ୍ଥିତ ମଧୁସୂଦନ ଦାସ ଆଂଚଳିକ ଆର୍ଥିକ ପରିଚାଳନା ଏକାଡେମୀଠାରେ ବ୍ୟକ୍ତିଗତ ଡିଜିଟାଲ ତଥ୍ୟ ସୁରକ୍ଷା-ଡିପିଡିପି ଆଇନ୍ ୨୦୨୩ ଉପରେ ଦିନିକିଆ କର୍ମଶାଳା ଆୟୋଜିତ ହୋଇଯାଇଛି। କର୍ମଶାଳାରେ ଡିପିଡିପି ଆଇନ୍ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ସରକାରୀ ଏବଂ ସହଯୋଗୀ ଅନୁଷ୍ଠାନଗୁଡ଼ିକରେ ଡିଜିଟାଲ୍ ତଥ୍ୟ ସମ୍ବନ୍ଧୀୟ ପରିଚାଳନା ଏବଂ ତଥ୍ୟ ସୁରକ୍ଷା ପ୍ରକ୍ରିୟାକୁ ସୁଦୃଢ଼ କରିବା ପାଇଁ ଅଧିକାରୀମାନଙ୍କ ବ୍ୟକ୍ତିଗତ ଓ ବିଭାଗୀୟ ତଥ୍ୟ ତଥା ସହଯୋଗୀ ଅନୁଷ୍ଠାନ ମାନଙ୍କରେ ତଥ୍ୟର ଏକତ୍ରୀକରଣ, ବିତରଣ ଏବଂ ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଥିଲା। କର୍ମଶାଳାରେ ଇ-ଗଭର୍ଣ୍ଣାନ୍ସ ବିଭାଗର ନିର୍ଦ୍ଦେଶକ ଜେ.ଏଲ୍ ଗୁପ୍ତା ବୈଦ୍ୟୁତିକ ଏବଂ ସୂଚନା ଓ ପ୍ରଯୁକ୍ତିବିଦ୍ୟା ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଡକ୍ଟର ପ୍ରଦୀପ କୁମାର ରାଉତ ଉପସ୍ଥିତ ରହି ଡିଜିଟାଲ୍ ଇଣ୍ଡିଆ ମିଶନର ଦୃଷ୍ଟିକୋଣ ଏବଂ ଡିପିଡିପି ଆଇନ୍ ଓ ନିୟମାବଳୀର ନାଗରିକ-କୈନ୍ଦ୍ରୀକ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ।

## କ୍ଲଟ

ଆଧୁନିକ ଏବଂ ଅନ୍ତର୍ଭୁକ୍ତ ସାର୍ବଜନୀନ ପରିବହନରେ ରାଜଧାନୀ କ୍ଷେତ୍ର ସହରାଞ୍ଚଳ ପରିବହନ-କ୍ରୁଟ୍‌କୁ ୧୮ତମ ସହରାଞ୍ଚଳ ଗତିଶୀଳତା ଭାରତ ସମ୍ମିଳନୀରେ ପୁରସ୍କୃତ କରାଯାଇଛି। ଗଣମାଧ୍ୟମକୁ ସୂଚନା ଦେଇ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ରାଜ୍ୟରେ ୬୭୦ଟି ଆମ ବସ୍ ଚଳାଚଳ କରୁଛି। ସେଥିମଧ୍ୟରେ ୨୨୦ଟି ଇଲେକ୍‌ଟ୍ରିକ୍ ବସ୍ ସାମିଲ ରହିଛି। ଯାହା ସ୍ୱଚ୍ଛ ଏବଂ ସବୁଜ ପରିବହନ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି। ଖୁବ୍ ଶୀଘ୍ର ସହରାଞ୍ଚଳ ସଂଯୋଗୀକରଣକୁ ଆହୁରି ଉନ୍ନତ କରିବା ପାଇଁ ୬ଟି ନୂତନ ସହରକୁ ଇ-ବସ୍ ଚଳାଚଳ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି। ଯାତ୍ରୀଙ୍କୁ ଉତ୍ସାହିତ କରିବା ଏବଂ ଡିଜିଟାଲ ଟିକେଟକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ଅନ୍‌ଲାଇନ୍ ଟିକେଟ୍ ବୁକିଂରେ ୧୦ ପ୍ରତିଶତ ରିହାତି ପ୍ରଦାନ କରୁଛନ୍ତି। ସେହିଭଳି ମହିଳା ଯାତ୍ରୀମାନେ ୧୫ ପ୍ରତିଶତ ରିହାତି ପାଉଛନ୍ତି। ଯାହାଦ୍ୱାରା ଟିକେଟ୍ ରାଜସ୍ୱରେ ଉଲ୍ଲେଖନୀୟ ୩୫ ପ୍ରତିଶତ ବୃଦ୍ଧି ହୋଇଛି। ଓଡ଼ିଶା ୨୦୨୬ ମସିହା ଅକ୍ଟୋବର ମାସ ଶେଷ ସପ୍ତାହରେ ୧୯ତମ ସହରାଞ୍ଚଳ ଗତିଶୀଳତା ଭାରତ ସମ୍ମିଳନୀ ଆୟୋଜନ କରିବ।

## ସ୍ମାର୍ଟ ଓଡ଼ିଆ ହାକାଥନ

ଯୁବପିଢ଼ିଙ୍କ ମଧ୍ୟରେ ନବସୃଜନତା ଓ ଉଦ୍ୟୋଗୀ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବା ପାଇଁ ସ୍ମାର୍ଟ ଓଡ଼ିଆ ହାକାଥନ-୩'ର ୱେବ୍‌ସାଇଟ୍‌କୁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ନିୟତି ପଟ୍ଟନାୟକ ଶୁଭାରମ୍ଭ କରିଛନ୍ତି। ଏହି ୱେବ୍ ପୋର୍ଟାଲ ଜରିଆରେ ଛାତ୍ରଛାତ୍ରୀମାନେ ନିଜର ସୃଜନଶୀଳତାକୁ ପ୍ରଦର୍ଶନ କରିପାରିବେ। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଆଇଆଇଟି ଭୁବନେଶ୍ୱରର ଗବେଷଣା ଉଦ୍ୟୋଗିତା ବିଭାଗ ଏବଂ ୟୁନିସେଫ୍‌ର ମିଳିତ

ସହଯୋଗରେ ଛାତ୍ରଛାତ୍ରୀଙ୍କ ପାଇଁ ଆସନ୍ତା ମାସରେ ଏକ ରାଜ୍ୟସ୍ତରୀୟ ହାକାଥନର ଆୟୋଜନ କରାଯିବ।

## ବୈଠକ

ଫାଇଲେରିଆ ରୋଗ ନିରାକରଣ ପାଇଁ **ଯାଜପୁର**ଠାରେ ଜିଲ୍ଲା ସମନ୍ୱୟ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଖଣି ପ୍ରଭାବିତ ଏବଂ ଗ୍ରାମୀଣ ଅଞ୍ଚଳର ଲୋକଙ୍କୁ ମ୍ୟାଲେରିଆ ଭଳି ବିଭିନ୍ନ ଭେକ୍ଟରବାହିତ ରୋଗ ନିୟନ୍ତ୍ରଣ କରିବା ପାଇଁ ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରୀ ବଣ୍ଟନ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ଆତ୍ମନିର୍ଭର ଭାରତ ପ୍ରଦର୍ଶନୀ

**ବୌଦ୍ଧ** ଜିଲ୍ଲା ଧଳପୁରଠାରେ ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା ଓ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ହରଭଙ୍ଗା ଗୋଷ୍ଠୀ ଶିକ୍ଷାଅଧିକାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରଦର୍ଶନୀରେ ବିକଶିତ ଭାରତ-ଆତ୍ମନିର୍ଭର ଭାରତ ଉପରେ ପର୍ଯ୍ୟବସିତ ୧୯୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।

## ସମବାୟ ବିକାଶ କମିଟି

**ନୂଆପଡ଼ା**ରେ ଜିଲ୍ଲାସ୍ତରୀୟ ସମବାୟ ବିକାଶ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୁବାଷଚନ୍ଦ୍ର ରଇତ ଯୋଗଦେଇ କୃଷି ଓ କୃଷକଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ସମବାୟ ସଂସ୍ଥାର ବିକାଶ ଅତ୍ୟନ୍ତ ଆବଶ୍ୟକ ବୋଲି ମତ ବ୍ୟକ୍ତ  କରିଥିଲେ। ବୈଠକରେ ସମିତି ସଭାପତି ଓ ସମ୍ପାଦକମାନେ  ଯୋଗଦେଇ ସମବାୟର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ।

## ଗୋଷ୍ଠୀ ଉଦ୍‌ଘାଟନ

**ଭଦ୍ରକ** ଜିଲ୍ଲା ପ୍ରଶାସନ ମିଶନ ଶକ୍ତି ପକ୍ଷରୁ ଭଣ୍ଡାରିପୋଖରି ହାଇସ୍କୁଲଠାରେ ସ୍ୱୟଂ ସହାୟକ ଗୋଷ୍ଠୀ କେନ୍ଦ୍ରକୁ ସାଂସଦ ଅଭିମନ୍ୟୁ ସେଠୀ ଉଦ୍‌ଘାଟନ କରିଛନ୍ତି । ମହିଳାମାନେ ସିଲେଇ କାର୍ଯ୍ୟ କରିବା ସହ ଛତୁ, ମାଣ୍ଡିଆ, ପାମ୍ପଡ ଆଦି ପ୍ରସ୍ତୁତ କରି ସ୍ୱାବଲମ୍ବୀ ହେବା ପାଇଁ ପରାମର୍ଶ ଦେଇଥିଲେ ।

## ଗଜସାଥୀ

**ରାୟଗଡ଼ା** ଜିଲ୍ଲା ମୁନିଗୁଡ଼ା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବନଖଣ୍ଡସ୍ତରୀୟ ହାତୀ ସୁରକ୍ଷା, ଗଜସାଥୀ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ବନାଞ୍ଚଳ ଅଧିକାରୀମାନେ ଯୋଗଦେଇ ହାତୀ ଓ ମଣିଷ ଲଢ଼େଇକୁ ରୋକିବା ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ୨୦୦ ଜଣ ଗଜସାଥୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା ।